# ଟେଣ୍ଡର ଅନିୟମିତତା ଅଭିଯୋଗ, ପୌରସଂସ୍ଥାରେ ଉତ୍ତେଜନା


ଉତ୍ତେଜନାସ୍ଥଳରେ ପୋଲିସ ବୁଝାଶୁଝା କରୁଛି।

- ବିଜେଡି କାଉନ୍‌ସିଲର ଓ ଠିକାଦାର ମୁହାଁମୁହିଁ
- ଆମକୁ ଗୁଣ୍ଡା ଲଗାଇ ମାଡ଼ ମରାଯାଇଛି: ଉପାଧ୍ୟକ୍ଷ
- ଟେଣ୍ଡର ପକାଇବାକୁ ବିରୋଧୀ କରିଥିଲେ ବିରୋଧ: ଏମ୍‌ପିଙ୍କ ପ୍ରତିନିଧି

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ ଟେଣ୍ଡରରେ ଅନିୟମିତତା ଅଭିଯୋଗ ଆଣି ପୌର ଉପାଧ୍ୟକ୍ଷଙ୍କ ସମେତ ବିଜେଡିର କାଉନସିଲର ଓ ଠିକାଦାରମାନେ ଶୁକ୍ରବାର ଅପରାହ୍ନରେ ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ପୌରସଂସ୍ଥାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଭାଜପା ସମର୍ଥକ ଗୁଣ୍ଡାଙ୍କୁ ଲଗାଇ ଆମକୁ ମାଡ଼ ମରାଯାଇଛି ବୋଲି ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଓ କାଉନସିଲର ସନ୍ଦୀପ ଷଡ଼ଙ୍ଗୀ ଅଭିଯୋଗ କରିଥିଲେ। ସେହିପରି ଟେଣ୍ଡର ପ୍ରକ୍ରିୟାର ଅନ୍ତିମ ତାରିଖ ଅନ୍ତିମ ସମୟ ଥିବାରୁ ପୌର ଉପାଧ୍ୟକ୍ଷ ଓ କାଉନସିଲରମାନେ ଟେଣ୍ଡର ବକ୍ସକୁ ନିଜ ଅକ୍ତିଆରରେ ରଖି ଟେଣ୍ଡର ପକାଇବାକୁ ଦେଇ ନ ଥିଲେ ବୋଲି ଠିକାଦାରମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଘଟଣାରୁ ଜଣାପଡିଛି ଯେ, ପୌରସଂସ୍ଥାରେ ସମସ୍ତ ୨୩ଟି ୱାର୍ଡରେ ପ୍ରାୟ ସାଢେ ୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ପେପର ଟେଣ୍ଡର କରାଯାଇଥିଲା। ଏହା ଜାଣିବା ପରେ କାହିଁକି ଇ-ଟେଣ୍ଡର କରାଗଲା ନାହିଁ ବୋଲି ବିଜେଡି ପକ୍ଷରୁ ଉପାଧ୍ୟକ୍ଷଙ୍କ ସମେତ ଦଳୀୟ କାଉନସିଲରମାନେ ପ୍ରତିବାଦ କରିଥିଲେ। ବିଜେଡି କାଉନସିଲରମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ। ପେପର ଟେଣ୍ଡର ଦାଖଲ କରିବାର ଶୁକ୍ରବାର ଅନ୍ତିମ ଦିବସ ହୋଇଥିବାରୁ ବିଜେଡି କାଉନସିଲରଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନେଇ ନ ଥିଲେ। ପାଲଟା ସେ ନିଜର ସ୍ୱାସ୍ଥ୍ୟ ଖରାପ ଦର୍ଶାଇ ପୌର କାର୍ଯ୍ୟାଳୟକୁ ଦୁଇଦିନ ହେଲା ଆସିଲେନି। ଏହାକୁ ନେଇ ପୌର ଉପାଧ୍ୟକ୍ଷ ଓ ବିଜେଡି କାଉନସିଲରମାନେ ପ୍ରତିବାଦ କରିବା ସହିତ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ବ୍ୟାନର ଲଗାଇ ଧାରଣା ଦେଇଥିଲେ। ବିଜେଡି କାଉନସିଲରଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ସନ୍ଦୀପ ଷଡଙ୍ଗୀ, ଶୁଭଲକ୍ଷ୍ମୀ ସାହୁ, ସାଗିର ମହମ୍ମଦ, ଲିପିକା ଦାସ, ବଂଶୀଧର ଦଳେଇ ପ୍ରମୁଖ ଧାରଣାରେ ବସିଥିବା ଦେଖାଯାଇଥିଲା। ଅପରାହ୍ନ ୪ଟାରେ କେତେଜଣ ଠିକାଦାର ଟେଣ୍ଡର ବକ୍ସରେ ଟେଣ୍ଡର ପକାଇବା ପାଇଁ ଆସିଥିଲେ। ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଟେଣ୍ଡର ବାକ୍ସ ରହିଥିଲା। କିନ୍ତୁ ପ୍ରକୋଷ୍ଠ ସମ୍ମୁଖରେ ବିଜେଡି କାଉନସିଲରମାନେ ଧାରଣା ଦେବାରୁ ଠିକାଦାରମାନେ ଟେଣ୍ଡର ପକାଇବା ପାଇଁ ଭିତରକୁ ଯାଇପାରି ନ ଥିଲେ ବୋଲି ଅଭିଯୋଗ କରିଛନ୍ତି। ଏହାପରେ ଧାରଣାରତ କାଉନସିଲରମାନେ ମଧ୍ୟ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠକୁ ଯାଇ ଟେଣ୍ଡର ବାକ୍ସ ଉପରେ ବସି ପଡ଼ିଥିବା ଦେଖାଯାଇଥିଲା। ଫଳରେ ଠିକାଦାରମାନେ ଟେଣ୍ଡର ପକାଇ ନ ପାରିବାରୁ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ ଓ ଚିତ୍ତରଞ୍ଜନ ରାଉତରାୟ, ଟାଉନ ଥାନା ଅତିରିକ୍ତ ଅଧିକାରୀ ମଧୁସ୍ମିତା ଶର୍ମା ଓ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଓ ସାନିଟେସନ ଅଧିକାରୀ ସରୋଜ ରାଉତ ପ୍ରମୁଖ ବିଜେଡି କାଉନସିଲରମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କାଉନସିଲରମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ବହୁତ ବୁଝାଶୁଝା ପରେ ବିଜେଡି କାଉନସିଲରମାନେ ଟେଣ୍ଡର ବାକ୍ସ ଉପରୁ ଉଠିବା ପରେ ଟେଣ୍ଡର ପଡିଥିଲା। ଏ ସଂକ୍ରାନ୍ତରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର କୁହନ୍ତି, ପୌରସଂସ୍ଥାରେ ଦୁର୍ନୀତି ଓ ଅନିୟମିତତାକୁ ଆମେ ବିରୋଧ କରୁଛୁ। ସାଢେ ୩ କୋଟି ଟଙ୍କାର ପ୍ରକଳ୍ପକୁ କେବଳ ୫/୭ ଜଣ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ ଭାଗନେବେ ବୋଲି ଯୋଜନା କରିବା ଏବଂ ନିର୍ବାହୀ ଅଧିକାରୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ଅଧ୍ୟକ୍ଷାଙ୍କମାନଙ୍କୁ କାମ ଦେବା ପାଇଁ ମସୁଧା କରିବାକୁ ଆମେ ବିରୋଧ କରିଥିଲୁ। ତାପରେ ନିର୍ବାହୀ ଅଧିକାରୀ ଏହା କରିଛନ୍ତି। ଏହାର ପ୍ରତିବାଦରେ ଆମେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ପ୍ରଦାନ କରୁଥିବା ବେଳେ ମନ୍ତ୍ରୀ ଓ ଅଧ୍ୟକ୍ଷାଙ୍କ ସମର୍ଥକ ତଥା ଭାଜପା ସମର୍ଥକମାନେ ଆମକୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ବିଜେଡି କାଉନସିଲର ସନ୍ଦୀପ ଷଡଙ୍ଗୀ କୁହନ୍ତି, ଟେଣ୍ଡରରେ ଅନିୟମିତତା ହୋଇଛି। ଆମେ ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲୁ। ସେ କୌଣସି ପଦକ୍ଷେପ ନେଲେନାହିଁ। ଦୁଇଦିନ ହେଲା ଅଫିସ ଆସୁନାହାନ୍ତି। ପ୍ରତିବାଦ କରିବାରୁ ଆମକୁ ଗୁଣ୍ଡା ଲଗାଇ ଆକ୍ରମଣ କରିଥିଲେ, ଯାହାକି ସିସିଟିଭି କ୍ୟାମେରାରେ ସମସ୍ତେ ଦେଖିପାରିବେ। ଲୋକେ ମଧ୍ୟ ଜାଣିସାରିଲେଣି। ଆଗାମୀ ଦିନରେ ଏହାର ଜବାବ ଦେବେ। ଟେଣ୍ଡର ପେପରରେ ଲେଖାଯାଇଛି ଯେ, କେବଳ ପୌରସଂସ୍ଥା ଠିକାଦାରମାନେ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ, ଯାହାକି ସମ୍ପୂର୍ଣ୍ଣ ନିୟମ ବିରୁଦ୍ଧ। ଆଗାମୀ ଦିନରେ ପୌରସଂସ୍ଥା ଦୁର୍ନୀତିର ବ୍ୟାପକ ଗୁମର ଖୋଲିବ। ଏ ସଂକ୍ରାନ୍ତରେ ଭାଜପା ନେତା ତଥା ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ କହିଛନ୍ତି, ପୌରପାଳିକାରେ ନିୟମ ଅନୁଯାୟୀ ଟେଣ୍ଡର ହୋଇଛି। ନିର୍ବାହୀ ଅଧିକାରୀ ସମସ୍ତ ଟେଣ୍ଡର ନିୟମ ଅନୁଯାୟୀ କରିଛନ୍ତି। ଆଜି ଟେଣ୍ଡର ପକାଇବାର ଶେଷ ତାରିଖ ଥିଲା। ତେଣୁ ଠିକାଦାରମାନେ ନିଜର ଟେଣ୍ଡର ପେପର ପକାଇବାକୁ ଆସିଥିଲେ। ଟେଣ୍ଡର ପକାଇବା ସମୟରେ କିଛି ଗୁଣ୍ଡାଶ୍ରେଣୀୟ ଲୋକ ପ୍ରତିବାଦ କରିଥିଲେ। ଢେଙ୍କାନାଳର ଯେହେତୁ ସବୁ ଠିକାଦାର କାମ ପାଉଛନ୍ତି, ବିରୋଧୀଙ୍କୁ ଏହା କଷ୍ଟ ଲାଗୁଛି। ଢେଙ୍କାନାଳରେ ଆଗକୁ ବହୁତ କାମ ହେବାକୁ ଯାଉଥିବା ବେଳେ ସେମାନେ କେବଳ ବିରୋଧ କରୁଛନ୍ତି। ଏ ସଂକ୍ରାନ୍ତରେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଓ ସାନିଟେଶନ ଅଧିକାରୀ ସରୋଜ ରାଉତ କୁହନ୍ତି, ନିର୍ବାହୀ ଅଧିକାରୀ ଅସୁସ୍ଥତା ଯୋଗୁ କାର୍ଯ୍ୟାଳୟକୁ ଆସି ନ ଥିବାରୁ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆଯାଇପାରି ନ ଥିଲା। ବୁଝାଶୁଝା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି। ଠିକାଦାରମାନେ ଟେଣ୍ଡର ପକାଇଛନ୍ତି। ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ। ଟେଣ୍ଡର ପ୍ରୋସେସ୍ ଦୁଇ ପ୍ରକାର ଗୋଟିଏ ଅନଲାଇନ ଓ ଗୋଟିଏ ଅଫ୍‌ଲାଇନ। ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନାରେ ୫ଲକ୍ଷ ଟଙ୍କା ତଳକୁ ଟେଣ୍ଡର ଅଫ୍‌ଲାଇନ ହେଉଛି ବୋଲି ପୌରଯନ୍ତ୍ରୀ କହିଥିଲେ।

## ଜିଓ-ବିପି ଆଉଟଲେଟ୍ ଉଦ୍‌ଘାଟିତ


ଜିଓ-ବିପି ଆଉଟଲେଟ୍ ଉଦଘାଟନ ଅବସରରେ ଅତିଥିମାନେ।

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ୫୫ନଂ ଜାତୀୟ ରାଜପଥର ବଳଦିଆବନ୍ଧ ନିକଟରେ ଶିବା ଫିଲିଙ୍ଗ୍ ଷ୍ଟେଶନ ନାମକ ଏକ ନୂତନ ଜିଓ-ବିପି ଆଉଟ୍‌ଲେଟ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ସାମାଜିକ କର୍ମୀ ଗଙ୍ଗାଧର ସାମଲ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ରବୀନ୍ଦ୍ରନାଥ ଜେନା, ପ୍ରୋପ୍ରାଇଟର ବିଦ୍ୟାଧର ଜେନା, ଜଗଦୀଶ ସାମଲ ପ୍ରମୁଖଙ୍କ ସମେତ ଜିଓ ପକ୍ଷରୁ ଅଧିକାରୀ ରିୟା ବାନାର୍ଜୀ, ଓମ୍ ସାହା, ସୁବାଶିଷ ସାହୁ, ଅର୍ପିତା କର, ହର୍ଷିତା ପ୍ରିୟଦର୍ଶିନୀ, ଶ୍ରୀମନ୍ତ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଜିଓ ପକ୍ଷରୁ ସୂଚନା ପ୍ରଦାନ କରି ରିୟା ବାନାର୍ଜୀ କହିଲେ ଯେ, ଏହା ଓଡ଼ିଶାରେ ଜିଓର ୭୩ତମ ଆଉଟଲେଟ୍। ଏଠାରେ ସିଏନ୍‌ଜି ଓ ସିବିଜି ସୁବିଧା ଉପଲବ୍ଧ ହୋଇପାରିବ। ଗୁଣବତ୍ତା ଉପରେ ଆମେ ସଦାସର୍ବଦା ଗୁରୁତ୍ୱ ପ୍ରଦାନ କରୁଛୁ। ଗ୍ରାହକମାନଙ୍କୁ ଉତ୍ତମ ସେବା ମଧ୍ୟ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ଶିକ୍ଷା ବିକାଶର ଚାବିକାଠି

### ମୋଟରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ମୋଟରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଧୁସାହୁପାଟଣା ଗ୍ରାମପଞ୍ଚାୟତର ସମିତି ସଭ୍ୟା ଗୀତାଞ୍ଜଳି ସାହୁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁଦାମ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଅର୍ଜୁନ ନାୟକ, ନୃସିଂହଚରଣ ବେହେରା ଓ ସାମାଜିକ କର୍ମୀ ସୁବାସଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶର ଚାବିକାଠି। ଛାତ୍ରୀଛାତ୍ରମାନେ ନିଷ୍ଠା ଓ ଅଧ୍ୟବସାୟ ବଳରେ ଜ୍ଞାନ ଅର୍ଜନ କରି ସୁସ୍ଥ ଓ ବିକଶିତ ସମାଜ ଗଠନରେ ନିଜକୁ ନିୟୋଜିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାସ ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ସନ୍ତୋଷ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି କାର୍ତ୍ତିକେଶ୍ୱର ଖିଲାର, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ଶୋଭାଶ୍ରୀ ଦଳେଇ, ସ୍ନିଗ୍ଧାମୟୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବିନୋଦ ଭବନ କ୍ଲବର ସାଧାରଣ ବୈଠକ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ସହର ବସ୍‌ଷ୍ଟାଣ୍ଡ ନିକଟସ୍ଥ ଢେଙ୍କାନାଳର ସର୍ବପୁରାତନ କ୍ଲବ ବିନୋଦ ଭବନ କ୍ଲବର ସାଧାରଣ ବୈଠକ ବୁଧବାର ସନ୍ଧ୍ୟାରେ କ୍ଲବ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ କ୍ଲବର ପ୍ରାୟ ୪୫ ଜଣ ସଦସ୍ୟ ଉପସ୍ଥିତ ଥିଲେ। ସାଧାରଣ ବୈଠକରେ କ୍ଲବର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଚଳିତବର୍ଷ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ପୂର୍ବ ବର୍ଷର ସଦସ୍ୟମାନେ ଅପରିବର୍ତ୍ତିତ ରହି ସଭାପତି ଭାବେ ଡ. ଅକ୍ଷୟ କୁମାର ମହାନ୍ତି, ଉପସଭାପତି ଭାବେ ଅଭିଜିତ ବରାଳ, ସଚିବ ଭାବେ ବିଶ୍ୱଜିତ ସେନ, ଯୁଗ୍ମ ସଚିବ ଭାବେ ମନୋରଞ୍ଜନ ପଟ୍ଟନାୟକ ଓ ବିକ୍ରମ ପ୍ରତାପ ମିଶ୍ର, କୋଷାଧ୍ୟକ୍ଷ ଭାବେ ସନ୍ତୋଷ ମହାପାତ୍ର ନିଜର ପଦ ବଜାୟ ରଖିଛନ୍ତି।

## ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବାଦ ସଭା



ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ବିଦ୍ୟୁତ୍ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଶୁକ୍ରବାର ସନ୍ଧ୍ୟାରେ ଢେଙ୍କାନାଳ ସହର ଗଣେଶ ବଜାରସ୍ଥିତ ଗୋପବନ୍ଧୁ ଟାଉନହଲ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ ସମସ୍ୟା ଓ ଶୋଷଣ ପ୍ରତିବାଦରେ ଆୟୋଜିତ ଏହି ସଭାରେ ରାଜ୍ୟ ବିଦ୍ୟୁତ ଉପଭୋକ୍ତା କମିଟି ସଭାପତି ପଞ୍ଚାନନ କାନୁନଗୋ, ବରିଷ୍ଠ ସଦସ୍ୟ ରୁଦ୍ର ନାରାୟଣ ଦାସ ଓ ଉପଦେଷ୍ଟା ରବି ଦାସ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ବିଦ୍ୟୁତ୍ ସେବା ଜନିତ ସମସ୍ୟା ରହୁଥିବା ବେଳେ ଉପଭୋକ୍ତାମାନଙ୍କୁ ଶୋଷଣ କରାଯାଉଥିବା ସମ୍ପର୍କରେ ସେ ଆଲୋଚନା କରିବା ସହିତ ସମସ୍ତେ ଏକାଠି ହୋଇ ନ୍ୟାୟ ପାଇଁ ଲଢିଲେ ସଫଳତା ମିଳିବ ବୋଲି ଗୁରୁତ୍ୱ ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲା ଶିଳ୍ପ ବହୁଳ ଜିଲା। ଚୁକ୍ତି ଅନୁଯାୟୀ ଶିଳ୍ପସଂସ୍ଥାମାନେ ଆମକୁ ବିଦ୍ୟୁତ୍ ବାବଦକୁ ଯାହା ଦେବାକଥା ତାହା ଦେଉନାହାନ୍ତି। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ସଂଘର ସମ୍ପାଦକ ଟଙ୍କଧର ବେହେରା ଓ ସାଧାରଣ ସମ୍ପାଦକ ତାପସ କବିଶତପଥୀ ଉପସ୍ଥିତ ଥିଲେ।

## ଓପିଏସ୍ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




ଓଡ଼ାପଡ଼ା, ୨୭।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ (ଓପିଏସ୍)ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପକ ଡ.ଦେବାନନ୍ଦ ଦାସଙ୍କ ସଭାପତିତ୍ୱରେ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରାଧ୍ୟାପକ ଡ.ଦୁର୍ଗାମାଧବ ପୃଷ୍ଟି, ପ୍ରାଧ୍ୟାପକ ବିଦ୍ୟାଧର ବରାହ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରାଉତରାୟଙ୍କ ସହିତ ଜଡ଼ିତ ସେମାନଙ୍କ ସ୍ମୃତି ଓ ଅନୁଭୂତି ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷ ଡ.ଶମ୍ଭୁ ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରାଧ୍ୟାପକ ରାଉତରାୟଙ୍କ ଉଚ୍ଚକୋଟୀର ଶିକ୍ଷାଦାନ ଶୈଳୀ, କର୍ତ୍ତବ୍ୟନିଷ୍ଠା ସେବା ମନୋବୃତ୍ତିର ପ୍ରଶଂସା କରିଥିଲେ। ଅଧ୍ୟାପକ ମଙ୍ଗରାଜ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଡ. ଦାସ ପ୍ରାଧ୍ୟାପକ ଗୁରୁ ଚରଣ ରାଉତରାୟଙ୍କ ଭଳି କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ପ୍ରାଧ୍ୟାପକ ସମସ୍ତଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ଅଟନ୍ତି ବୋଲି ନିଜର ବକ୍ତବ୍ୟରେ କହିଥିଲେ। ବିଭାଗ ତରଫରୁ ରାଉତରାୟଙ୍କୁ ଉପହାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପାଠଚକ୍ର ସମ୍ପାଦକ ଶୁଭେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହସମ୍ପାଦିକା ସତପଟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ଏମ୍‌ପି, ବିଧାୟକ



ଭୁବନ, ୨୭।୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ପଞ୍ଚାୟତ ବାସୁଦେବପୁର ଗ୍ରାମର ମଦନ ବେହେରାଙ୍କର ୧୦ ଦିନ ତଳେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ମିଳିବା ନେଇ ଆଲୋଚନା କରିଥିଲେ। ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ମଦନଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇଦେବା ପାଇଁ ବିଧାୟକ ବନ ବିଭାଗ ସହିତ ଆଲୋଚନା କରିଥିଲେ। ଭାଜପା ରାଷ୍ଟ୍ରୀୟ ସଦସ୍ୟ ପ୍ରେମାନନ୍ଦ ଜେନା, ଜିଲା ଭାଜପା ଉପସଭାପତି ସଞ୍ଜୟ କୁମାର ଦାସ, ଭାଜପା ବାରୁଆ ମଣ୍ଡଳ ସଭାପତି ବୀରେନ୍ଦ୍ର ପ୍ରତାପ ଜେନା ଓ ଗ୍ରାମ ଯୁବକ ସଂଘ ସଭାପତି ସିପୁଲ ଜେନା ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିଥିଲେ।

## ଶାଣ୍ଡିଲ୍ୟ ବସନ୍ତଙ୍କ ୯୯ତମ ଜୟନ୍ତୀ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ପରିସରରେ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଶାଣ୍ଡିଲ୍ୟ ବସନ୍ତ କୁମାର ମହାପାତ୍ରଙ୍କ ୯୯ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଉଛି। ସ୍ୱର୍ଗତ ମହାପାତ୍ର ଥିଲେ ଏକାଧାରରେ ଜଣେ କବି, ଲେଖକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ଆଦର୍ଶ ଶିକ୍ଷକ ବୋଲି ସଭାପତି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଦୀପ୍ତିଶ ପ୍ରାସାଦ ପଟ୍ଟନାୟକ ଯୋଗଦାନ କରି ସ୍ୱର୍ଗତ ମହାପାତ୍ର ଥିଲେ ଜିଲା ଲେଖକ ସଂସଦର ପ୍ରାଣ ପ୍ରତିଷ୍ଠାତା ବୋଲି କହିଥିଲେ। ଅନ୍ୟତମ ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସଂସଦର ପୂର୍ବତନ ସଭାପତି ଇନ୍ଦ୍ରମଣି ନାୟକ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ନାଟ୍ୟ ନିର୍ଦ୍ଦେଶନା ଓ ସାଂଗଠନିକ ଦକ୍ଷତା ଏବେ ବି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବେ ସ୍ଥାନିତ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ପ୍ରଦୀପ ମହାପାତ୍ର କହିଥିଲେ, ସ୍ୱର୍ଗତ ମହାପାତ୍ରଙ୍କ ସାହିତ୍ୟକୃତି ସାହିତ୍ୟ ଅନୁଷ୍ଠାନ ଭାବେ ଗଢି ତୋଳିବାରେ ତାଙ୍କର ଅନବଦ୍ୟ ଭୂମିକା ଥିଲା। ଶେଖ ଅବଦୁଲ ସଫିକ, ଉପମା ସାମଲ, ମାନସୀ କର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ପରିଚାଳନା କରିଥିବା ବେଳେ ସମ୍ପାଦକ ଅଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସର ଏତଲା

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମକର୍ତ୍ତାମାନେ ଶୁକ୍ରବାର ଜିଲା ଏସ୍‌ପିଙ୍କ ନିକଟରେ କେନ୍ଦ୍ରରେ ଥିବା ଭାଜପା ସରକାରର ପେଟ୍ରୋଲିୟମ ମନ୍ତ୍ରୀ ହରଦିପ ସିଂ ପୁରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିରୋଧରେ ଏତଲା ଦାୟର କରିଛନ୍ତି। ସମଗ୍ର ଦେଶରେ କଂଗ୍ରେସ ପକ୍ଷରୁ ଏଭଳି ଏତଲା ଦିଆଯାଇଛି। ଆମେରିକାର ଜେଫରି ଏପଷ୍ଟେନ୍, ଯିଏକି ହଜାର ହଜାର ଶିଶୁ ଏବଂ ନାବାଳିକାଙ୍କୁ ଯୌନ ଶୋଷଣ କରିଥିବା ଅପରାଧରେ ଏବଂ ଆମେରିକା ତଥା ପୃଥିବୀର ବିଭିନ୍ନ ରାଜନେତା, ବ୍ୟବସାୟୀ, ଶିଳ୍ପପତି, ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଦ୍ୱାରା ଏପରି ଘୃଣ୍ୟ କାର୍ଯ୍ୟ କରାଇଥିବା ଅଭିଯୋଗରେ କାରାବରଣ କରିଥିଲେ, ତାଙ୍କ ସହିତ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ଅନେକଥର ସାକ୍ଷାତ ଓ ପତ୍ରାଳାପ କରିବା ତଥ୍ୟ ଆମେରିକାର ଫେଡେରାଲ କୋର୍ଟର ନିର୍ଦ୍ଦେଶ କ୍ରମେ ସାର୍ବଜନୀନ କରାଯିବା ପରେ ଏହା ପଦାକୁ ଆସିଛି। ପୁରୀଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ନାମ ମଧ୍ୟ ଏପଷ୍ଟେନ୍ ଫାଇଲ୍‌ରେ ପ୍ରଘଟ ହୋଇଛି। ଏହାକୁ କଂଗ୍ରେସ ଦଳର ସର୍ବୋଚ୍ଚ ନେତା ତଥା ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ତୀବ୍ର ସମାଲୋଚନା କରିବା ସହିତ ହରଦୀପ ପୁରୀଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର ଦାବି କରିଛନ୍ତି। କଂଗ୍ରେସ ତରଫରୁ ଏକ ବିକ୍ଷୋଭ ଶୋଭାଯାତ୍ରା ଗାନ୍ଧୀ ମନ୍ଦିରଠାରୁ ବାହାରି ବିଭିନ୍ନ ସ୍ଲୋଗାନ୍ ଦେଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏଫ୍‌ଆଇଆର୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ସୁନୀଲ ଦାଶ, ଗୋପାଳ ସାହୁ, ବିନୟ ସାହୁ, ଜିତେନ୍ଦ୍ର ସାହୁ, ନିଶାକର ସାହୁ, ଡା. ତୁଷାରକାନ୍ତି ନାୟକ, ରୁଦ୍ର ପ୍ରକାଶ ଶରଣ, ପ୍ରେମଶଙ୍କର ମିଶ୍ର, ପ୍ରିୟବ୍ରତ ଗଡନାୟକ, ସ୍ମିତାରାଣୀ ସାମଲ, ଗୋବର୍ଦ୍ଧନ ଶେଖର ନାଏକ, ବିପ୍ରବର ସାହୁ, ବିକାଶ ସ୍ୱାଇଁ, ସୁଶାନ୍ତ ଧଳ, ଅଜିତାନନ୍ଦ ବିହାରୀ, ବନମାଳୀ ଦାସ, ନୁରୁଲ ଇସଲାମ, ପ୍ରମୋଦ ମହାପାତ୍ର, ପ୍ରଭୁଦତ୍ତ ଭଞ୍ଜ, ଅବିନାଶ ପଣ୍ଡା, ରୁମେନା ବେଗମ୍ ପ୍ରମୁଖ ଯୋଗ ଦେଇଥିଲେ।



କେନ୍ଦ୍ରମନ୍ତ୍ରୀମାନଙ୍କ ବିରୋଧରେ କଂଗ୍ରେସ କର୍ମୀମାନେ ଏତଲା ଦେବାକୁ ଯାଉଛନ୍ତି।

## ସମ୍ପନ୍ନ ହେଲା ମା' କାଲୁଣୀ ଦେବୀଙ୍କ ବିଗ୍ରହ ସ୍ଥାପନ

ଭୁବନ, ୨୭।୨
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନଠାରେ ୩ ଦିନ ଧରି ଚାଲିଥିବା ମା' କାଲୁଣୀ ଦେବୀ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ, ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ସମ୍ପନ୍ନ ହୋଇଛି। ମୁଖ୍ୟ କଳସୀ ଭାବେ ଦୀନବନ୍ଧୁ ବେହେରା, ଶୁଭେନ୍ଦୁ କୁମାର ସାହୁଙ୍କ ସହିତ ଉଭୟ ପତ୍ନୀ ଉପସ୍ଥିତ ଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଅତିଥି ଭାବେ ଯୋଗଦେବା ସହ ମା'ଙ୍କୁ ଦର୍ଶନ କରିଥାଲେ। ଗୁରୁବାର ଅପରାହ୍ନରେ ମା'ଙ୍କ ମନ୍ଦିର ପ୍ରବେଶ ହୋଇଥିଲା। ଅଞ୍ଚଳର ଯୁବପିଢି ତଥା ସୁବ୍ରତ କୁମାର ସାହୁ, ନରେନ୍ଦ୍ର କୁମାର ସାହୁ, ମାୟାଧର ଗୁରୁ, ବିଳାସ କୁମାର ସାମଲ, ସୁବାସ ବେହେରା, ବିନୋଦ କୁମାର ମହାରଣା, ପ୍ରଭାତ କୁମାର ମହାରଣା, କୈଳାସ ଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଡମ୍ବରୁଧର ଗୁରୁ, ବସନ୍ତ କୁମାର ସାହୁ, କୃଷ୍ଣ ସାହୁ, ବୁଟୁଲି ସେଠୀ, ଚନ୍ଦନ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଅଗ୍ରଣୀ ହେବାକୁ ପରାମର୍ଶ



ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

### ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୭।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡିଶା ଗଠନରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ-୨୦୪୭ ଗଠନର ବାସ୍ତବ ରୂପାୟନ ପାଇଁ ସେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଯୁବପିଢ଼ିକୁ ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଗ୍ରଣୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦର ନୋଡାଲ୍ ଅଧିକାରୀ ଡ. ରବର୍ଟ ଉଇଲ୍ସନ ଭାତ୍ରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଯୋଗଦେଇଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଜରୁରିକାଳୀନ ପରିସ୍ଥିତିର ୫୦ ବର୍ଷ : ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ୫ଜଣ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ମିନୁରାଣୀ ଦଳାଇ ସହଯୋଗ କରିଥିଲା ବେଳେ ସହକାରୀ ପ୍ରଫେସର ରଶ୍ମିରଞ୍ଜନ ନାୟକ ସଂଯୋଜନା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସସ୍ମିତା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

